# ସମୟାତୀତ

ସତ୍ୟ ଗୋଟାଏ ଝଡ଼ ସଦୃଶ ଗୃହ ମଧ୍ୟକୁ ପ୍ରବେଶ କରି କହି ଉଠିଲା, "ଗୀତ ବନ୍ଦ ହୋଇଗଲା ଯେ ?"

ରମଣ କହିଲା, "ତମର ଆଜି ଏତେ ବିଳମ୍ବ ?"

ସତ୍ୟ କହିଲା, ମୋ ଭିତରେ ଆଜି କବି ଉଭା ହୋଇଥିଲା-ଯେମିତି ଗାଁ କାଳିସୀଠାରେ ଠାକୁରାଣୀ ଉଭା ହୁଏ । ମୁଁ ଏଇ ସୁନ୍ଦର ଚନ୍ଦ୍ରକିରଣ ତଳେ ନଈ ବାଲିରେ ବସି ଦୂର ଦିଗ୍‌ବଳୟ ରେଖାକୁ ନିର୍ଣ୍ଣୟ କରୁଥାଏ, ଆଉ ଏଠାରେ ଏଇ ମଧୁର କଳନିନାଦ ମୋ କାନରେ ପ୍ରବେଶ କରୁଥାଏ । ମୋତେ ଏତେ ଆନନ୍ଦ ବୋଧ ହେଲା ଯେ, ମୁଁ ଭାବିଲି, ଏ ଆନନ୍ଦ ନୁହେଁ- ଦୁଃଖ, ଏପରି ଗଭୀର ଭାବରେ ମୋ ହୃଦୟକୁ ସ୍ପର୍ଶ କରି ମୋତେ ଅଭିଭୂତ କରି ପକାଇଥିଲା ! ମୁଁ ସେତେବେଳେ ଭାବିଲି Shelly ବାସ୍ତବିକ ଠିକ୍ ଲେଖିଛନ୍ତି । କ'ଣଟି ରାଜକିଶୋର ସେ ଦି'ଧାଡ଼ି - ହଁ ?

"Till joy denies itself again, and, too intense, it turned to pain."

ରାଜକିଶୋର କହିଲା, "ତମେ ଯେ ଆଜି ଏକାବେଳେ ବୃଦ୍ଧ ଦାର୍ଶନିକ !"

ସତ୍ୟ ଏ କଥାର କୌଣସି ଉତ୍ତର ନ ଦେଇ ସୁରମା ଆଡ଼କୁ ଚାହିଁଲା । ସୁରମା ନିଜ ସଙ୍ଗୀତର ପ୍ରଶଂସା ଶୁଣି ଟିକିଏ ଅପ୍ରତିଭ ହୋଇ ପଡ଼ିଥିଲା । ସତ୍ୟ କହିଲା, "ସେଇ ନୀଳ ଆକାଶର ତାରାଟି ବୋଲି ।"

ରମଣ ଭଗିନୀର ଆଉ ଅଧିକ ଗାଇବାର ଅସାମର୍ଥ୍ୟ ଅନୁଭବ କରି କହିଲା, "ସେ ବର୍ତ୍ତମାନ ଗାଇ ଗାଇ ବେଦମ୍ ହୋଇ ପଡ଼ିଛି, ତାକୁ ଟିକିଏ ସମୟ ଦିଅ ।"

ସତ୍ୟ ନିଜ ଚୌକିରୁ ଉଠି ଟେବୁଲ୍ ଉପରେ ବହିଗୁଡ଼ାକ ଖେଳାଇବାକୁ ଲାଗିଲା । ଶେଷରେ ଖଣ୍ଡେ ବହି ଧରି ନିଜ ସ୍ଥାନକୁ ଫେରି ଆସିଲା । ବହିଟି Maxim Gorky ଙ୍କର Mother । ସତ୍ୟ ରମଣକୁ ପଚାରିଲା, "ଏ ବହି ଖଣ୍ଡ କେବେ କିଣିଲ ? ଅତି ଉପାଦେୟ ବହି । କେତେଦିନ ଆଗେ ଲାଇବ୍ରେରୀରୁ ଆଣି ପଢ଼ିଥିଲି ।"

ରମଣ ଆଉ କେତେ ବଡ଼ ବଡ଼ ଲେଖକଙ୍କ ଭଲ ଭଲ ବହି ଆଣିଥିବାର କହିଲା । ସେମାନଙ୍କ ଲେଖା ବିଷୟରେ ସତ୍ୟ ଓ ରମଣର କିଛି ସମୟ ଆଲୋଚନା ଚାଲିଲା । ରାଜକିଶୋର ଏ ସ୍ଥଳରେ ନିଜର ନଗଣ୍ୟତା ଲୁଚାଇବାକୁ ଯାଇ କହିଲା, "ଆଚ୍ଛା, ମେରୀ କରେଲୀ ତ ଭଲ ନଭେଲ୍ ଲେଖିଚି ।"

ସତ୍ୟ ହୋ ହୋ ହସି ଉତ୍ତର ଦେଲା "ତମେ କେତେ ଖଣ୍ଡ ନଭେଲ୍ ମୋଟରେ ପଢ଼ିଛ କହିଲ ଆଗେ, ତା' ପରେ ବିଚାର କରିବା ମେରୀ କରେଲୀ ଭଲ କି ମନ୍ଦ । ଆହା- କୋଉଠି ଗୋଟିଏ ଅଷ୍ଟାଦଶ ଶତାବ୍ଦୀର ଲୋକ ଥିଲେ କେଜାଣି !" ଏହା ଶୁଣି ରାଜକିଶୋର କ୍ଷୁର୍ଣ୍ଣ ହେଲା, କିନ୍ତୁ କଥାରେ ସତ୍ୟକୁ ଜିଣିବା ସହଜ ନୁହେଁ, କାର୍ଯ୍ୟରେ ସତ୍ୟର ରାଜକିଶୋର ଠାରେ ସବୁବେଳେ ପରାଜୟ । ଛାତ୍ର ହିସାବରେ ରାଜକିଶୋର ସତ୍ୟର ଢେର ଉଚ୍ଚରେ । ଆଜି ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟ ତାହା ଦ୍ୱାରା ସମ୍ମାନିତ ହେବାର ଆଶା ଅଛି । ବିଶ୍ୱବିଦ୍ୟାଳୟରେ ସତ୍ୟର ସ୍ଥାନ ଅତି ହୀନ, ନଗଣ୍ୟ । ବକ୍ତୃତା ଦେବାରେ, ପ୍ରବନ୍ଧ ଲେଖିବାରେ ରାଜକିଶୋର ସତ୍ୟଠାରୁ ଅତି ଉଚ୍ଚରେ । ଦୋଷ ମଧ୍ୟରେ ସେ ବାହାର ଖବର କିଛି ରଖେ ନାହିଁ, ସତ୍ୟ ସେଥିରୁ ଗୁଡ଼ିଏ ଜାଣେ ।

ରମଣ ସଙ୍ଗେ ସାହିତ୍ୟିକ ଆଲୋଚନା ପଡୁପଡୁ ସତ୍ୟ କହିଲା "କବି ଭାବରେ ସେକ୍ସପିଅରଙ୍କ ଅପେକ୍ଷା କାଳିଦାସଙ୍କ ସ୍ଥାନ ଅତି ଉଚ୍ଚରେ ।"

ରାଜକିଶୋର ସୁଯୋଗ ପାଇ ପଚାରିଲା, "କାଳିଦାସଙ୍କର ଗୋଟିଏ ହେଲେ ଶ୍ଳୋକ ବୁଝିଚ- ବା ସେକ୍ସପିଅରଙ୍କର ବିଶେଷତ୍ୱ କେଉଁଠି ଜାଣିଚ ଭଲା ?" ରାଜକିଶୋର ଜାଣେ ଏ ବିଷୟରେ ସତ୍ୟ ଖାଲି ଶୂନ୍ୟ ଆବାଜ କରେ । ଏ ବିଷୟରେ ରାଜକିଶୋରର ଜ୍ଞାନ ସତ୍ୟ ଅପେକ୍ଷା ଖୁବ୍ ବେଶି । ଏସବୁ ତାର ପରୀକ୍ଷା ପାଇଁ ଭଲ କରି ଜାଣିବା ଆବଶ୍ୟକ କି ନା !

ସତ୍ୟ ହସି ହସି ଉତ୍ତର ଦେଲା, "ଆରେ ବାବୁ, ମୁଁ ତୁମପରି ସୁନ୍ଦର ଜିନିଷଟାକୁ ଦଳି ପେଷି ଜୀର୍ଣ୍ଣ କରିବାକୁ ଚାହେଁ ନାହିଁ । ମୁଁ ଚାହେଁ ସବୁ ସୂକ୍ଷ୍ମ ଭାବରେ ଉପଭୋଗ କରିବାକୁ । ଯେଉଁ ବିଷୟ ମୋତେ ଯେପରି ଆମୋଦ ଦିଏ, ମୋ ପ୍ରାଣରେ ଯେପରି ସ୍ପନ୍ଦନ ଆଣେ, ସେହି ଅନୁସାରେ ମୁଁ ତାକୁ ଭଲ ବା ମନ୍ଦ ବୋଲି କହିଥାଏ । କୌଣସି ସୁନ୍ଦର ବିଷୟକୁ ସମସ୍ତ ବୁଦ୍ଧି ଓ ବିଚାର ଶକ୍ତି ଦେଇ ବୁଝିବାକୁ ଚେଷ୍ଟା କଲେ, ତାର ସୌନ୍ଦର୍ଯ୍ୟ ମୋ ମତରେ ବହୁ ପରିମାଣରେ ହ୍ରାସ ପ୍ରାପ୍ତ ହୋଇଯାଏ । ବାସ୍ତବିକ୍ ଏଇ ବିଚାରଶକ୍ତି ଯୋଗେ ମାନବ ସତ୍ୟଠାରୁ ଏତେ ଦୂରରେ- ଗୋଟାଏ ଘନ କୁହେଳିକା ମଧ୍ୟରେ ଘାରିହୁଏ । ସେଥିଲାଗି ଟୀକାକାରଗୁଡ଼ାଙ୍କ ପ୍ରତି ମୋର ଏତେ ରାଗ । କାଳିଦାସଙ୍କ ଆର୍ଟ ବିଭିନ୍ନ ଲୋକଙ୍କ ହୃଦକୁ ବିଭିନ୍ନ ଭାବରେ ସ୍ପର୍ଶ କରିଥାନ୍ତା, କିନ୍ତୁ ମଲ୍ଲୀନାଥଙ୍କୁ ଯେପରି ଭାବରେ ଏହା ସ୍ପର୍ଶ କରିଥିଲା, ସେ ଟୀକା ଲେଖି ସବୁ ପାଠକଙ୍କୁ ବାଧ କଲେ ସେହି ଏକ ଭାବରେ ତାକୁ ଗ୍ରହଣ କରିବାକୁ । ତାଙ୍କର କି ଅଧିକାର ଥିଲା ଏପରି କରିବାକୁ ? ଲୋକସାଧାରଣଙ୍କ ଅନୁଭୂତି ଉପରେ ହସ୍ତକ୍ଷେପ କରିବାକୁ ସେ କିଏ ? ସେହିପରି ଆଜିକାଲିକା ବୈଜ୍ଞାନିକମାନେ ସବୁ କୌତୂହଳ, ସବୁ ରହସ୍ୟ ଉଦ୍‌ଘାଟନ କରି ବିଶ୍ୱଜଗତକୁ ବୈଚିତ୍ର୍ୟହୀନ କରିବାରେ ଲାଗି ପଡ଼ିଛନ୍ତି ।" ରମା ସବୁ ଶୁଣେ, କିନ୍ତୁ କହେ ଅତି ଅଳ୍ପ । କେତେବେଳେ ସତ୍ୟ ପ୍ରତି ଗୋଟିଏ କରୁଣ ଦୃଷ୍ଟି ପକାଏ, ମାତ୍ର ସତ୍ୟର ସେଥିପ୍ରତି ଆଦୌ ଭ୍ରୂକ୍ଷେପ ନଥାଏ, ସେ ଅବିଚଳିତ ଭାବରେ କହିଯାଏ ।

ସତ୍ୟ ଯେତେବେଳେ ଯାହା କହେ, ସବୁ କିପରି ହୃଦୟହୀନତାର ପରିଚାୟକ ପରି ବୋଧହୁଏ । ତା' ଜୀବନଟା ଯେପରିକି କେବଳ ଗୋଟିଏ ଦାରୁଣ ଉପହାସର ସମଷ୍ଟି । ସେ ଅତି କରୁଣ ଚିତ୍ର ବର୍ଣ୍ଣନା କଲାବେଳେ ମଧ୍ୟ ସେଥିରୁ କିପରି ଗୋଟାଏ ଗୁରୁତ୍ୱହୀନତାର ଆଭାସ ମିଳେ । ଜୀବନକୁ ଅତି ଲଘୁ ଭାବରେ ଗ୍ରହଣ କରି ସେ ଚଳେ । ଗୋଟାଏ ଦୀର୍ଘ ନିଃଶ୍ୱାସ ପକାଇବାର ତାକୁ କେହି କେବେ ଦେଖି ନାହିଁ । ତାକୁ ଏପରି ସ୍ଫୂର୍ତ୍ତିମାନ ଦେଖି ବନ୍ଧୁମାନେ କହନ୍ତି, "ସତ୍ୟ, ତମକୁ ତ ଦିନେ ହେଲେ ଦୁଃଖ କରିବାର, କି ଗୋଟିଏ ଦୀର୍ଘ ନିଶ୍ୱାସ ମାରିବାର ଦେଖିଲୁ ନାହିଁ ? ସବୁବେଳେ ଏଇପରି ଥଟ୍ଟା ପରିହାସ, ହସ କଉତୁକ !"

ସତ୍ୟ କହେ, "ମୁଁ ହସ କଉତୁକ କଲେ ତୁମେମାନେ ଭାଗୀ ହେବ ସିନା ! କିନ୍ତୁ ମୋ ସବୁଠାରୁ ମୂଲ୍ୟବାନ୍ ମୁହୂର୍ତ୍ତଗୁଡ଼ିକରୁ ତୁମକୁ ଭାଗ ଦେବାକୁ ତ ମୁଁ କୁଣ୍ଠିତ । ମୋର ଦୁଃଖର ସମୟଟି ମୁଁ ଏକାକୀ ଉପଭୋଗ କରିବାକୁ ଚାହେଁ- ନିରୋଳାରେ ଅତି ସ୍ୱାର୍ଥପର ଭାବରେ । ଆମେ ସମସ୍ତେ ଏକତ୍ର ଯେଉଁ ଖୁସିବାସି ହେବାପାଇଁ, ନା ନିଶ୍ଚଳ ଭାବରେ ବସି ଗୋଟାଏ ନିଃଶ୍ୱାସ ମାରିବା ପାଇଁ ?"

ସେ କଥା ଶେଷ କରି ଠୋ ଠୋ କରି ହସି ଉଠେ । ମାତ୍ର, ତାର ସମସ୍ତ ସ୍ଫୂର୍ତ୍ତି ବିକାଶପ୍ରାପ୍ତ ହୁଏ ରାଧାରମଣ ଘରେ । ଏକା ଚତୁରତାପୂର୍ଣ୍ଣ ବାକ୍ୟାଳାପ, ଏସବୁ ଦାର୍ଶନିକ ତତ୍ତ୍ୱ ଅନ୍ୟ କୌଣସିଠାରେ ଏପରି ଭାବରେ ପ୍ରକାଶିତ ହେବାର କେହି ଦେଖି ନାହିଁ ।

ସେ ଦିନ ସଂଧ୍ୟାରେ ଏହି ଗଳ୍ପ କରୁ କରୁ ଅନେକ ସମୟ ହୋଇଗଲା । ଶେଷରେ ସୁରମା ଏବଂ ରମଣକୁ ରାତ୍ରିଭୋଜନ ନିମିତ୍ତ ଡକରା ଆସିଲା । ସତ୍ୟ ଓ ରାଜକିଶୋର ବାହାରି ପଡ଼ିଲେ ସ୍ୱଗୃହାଭିମୁଖରେ ।

ରମଣ କୌଣସି କାର୍ଯ୍ୟୋପଲକ୍ଷରେ ସ୍ଥାନାନ୍ତର ଯାଇଥାଏ । ରାଜକିଶୋର ମଧ୍ୟ ଦେଖା ନ ଥାଏ, କିନ୍ତୁ ସତ୍ୟ ପ୍ରାୟ ପ୍ରତ୍ୟେକ ସନ୍ଧ୍ୟାରେ ଆସି ସୁରମା ସଙ୍ଗେ ଗଳ୍ପ କରେ- କେତେବେଳେ ପରୀକ୍ଷାଫଳ ବିଷୟରେ, କେତେବେଳେ ବା ସିନେମା ବିଷୟରେ । ସତ୍ୟ, ରମଣ ଓ ରାଜକିଶୋର ସେଥର ବି.ଏ ଦେଇଥାନ୍ତି, ସୁରମା ଦେଇଥାଏ ଆଇ.ଏ । ସ୍ଫୁର୍ତ୍ତି କରିବାର ଅତି ପ୍ରଶସ୍ତ ସମୟ । କିନ୍ତୁ ରମଣ ଏବଂ ରାଜକିଶୋରର ଅନୁପସ୍ଥିତିରେ ଗହଳଟା ଅନେକ ପରିମାଣରେ କମିଯାଇଥାଏ, ଅଥଚ ସତ୍ୟର ପ୍ରଗଲ୍‌ଭତା କମେ ନାହିଁ କିମ୍ବା ଚପଳତା ହ୍ରାସ ପାଏ ନାହିଁ । ସୁରମା ସ୍ୱଭାବତଃ ମୌନ । ସେଥିଲାଗି ଯୁକ୍ତିତର୍କ ସେପରି ଜମିଉଠେ ନାହିଁ । କିନ୍ତୁ ଏଥିମଧ୍ୟରେ ସତ୍ୟ ତା ଆଗରେ ଚାଞ୍ଚଲ୍ୟର ପସରା ମେଲିଦିଏ । ସୁରମା ବିରକ୍ତ ହୁଏ- ସବୁବେଳେ ଅସ୍ଥିର, ଅବ୍ୟବସ୍ଥିତ, ପଦେ ଭଲ କଥା ନାହିଁ । ସତ୍ୟ ସୁରମାର ବାଦ୍ୟଯନ୍ତ୍ରମାନ ବାହାର କରି ଏଣେତେଣେ ପକାଇ ଦିଏ, ସୁସଜ୍ଜିତ ଟେବୁଲ୍‌ରେ ବହିଗୁଡ଼ିକ ଇତସ୍ତତଃ କରିଦିଏ । ସୁରମା ଏଥିରେ ଖୁସି ହୁଅନ୍ତା, ଯଦି ସତ୍ୟ ଏପରି ଚପଳ ନହୁଅନ୍ତା ।

ସତ୍ୟ ସମୀପରେ ଜୀବନର ସୁଖଦୁଃଖ ଆଦି କେତେକ ଗୁରୁତର ବିଷୟ ଆଲୋଚନା କରିବାକୁ ସୁରମାର ଇଚ୍ଛା ହୁଏ । କିନ୍ତୁ ଏ ସବୁ ଜାଣି ଶୁଣି ଏଡ଼ାଇବାକୁ ଯେପରି ସତ୍ୟର ମତଲବ । ସେ କେବଳ କହିଯାଏ ବିଟଫନଙ୍କ ଶେଷ ଜୀବନର କରୁଣ କାହାଣୀ- ଆନ୍ନାପାଭ୍ ଲୋଭାଙ୍କର ନର୍ତ୍ତନ କଳାର ବୈଶିଷ୍ଟ୍ୟ ।

ଏ ବ୍ୟବଧାନ ଘୁଞ୍ଚାଇ ଦେବାକୁ ସୁରମା ପ୍ରତିଦିନ ସ୍ଥିର କରେ । ସତ୍ୟର ଆସିବା ବେଳକୁ ଚାହିଁ କେତେ କଥା କହିବ ବୋଲି ଭାବିଥାଏ । କିନ୍ତୁ ସତ୍ୟ ଆସିଲେ ତାର କୌଣସି କଥାଟି କୁହା ହୁଏ ନାହିଁ । ସତ୍ୟର ଚପଳ ମୂର୍ତ୍ତି ଦେଖି ସେ ମୂକ ନିର୍ବାକ୍ ହୋଇଯାଏ । ସକଳ ଅବ୍ୟକ୍ତ ବ୍ୟଥା ତାର ଅନ୍ତରରେ କୁହୁଳୁଥାଏ ।

ଦିନେ ସତ୍ୟ ଆସିବା ମାତ୍ରେ ସେ ହଠାତ୍ ପଚାରିଲା, "ତମର ଏଠାରେ କି ସମ୍ପର୍କ ଅଛି ଯେ ଏଠାକୁ ଆସ ?" ଏପରି ପ୍ରଶ୍ନ ହଠାତ୍ ଶୁଣି ସତ୍ୟ ପ୍ରଥମେ ବିବ୍ରତ ହୋଇ ପଡ଼ିଲା । ସଙ୍ଗେ ସଙ୍ଗେ କିନ୍ତୁ ନିଜର ସ୍ୱଭାବ ସୁଲଭ ସ୍ଫୁର୍ତ୍ତିରେ କହିଉଠିଲା, "ତୁମେ କ'ଣ ଆଇନ୍‌ଷ୍ଟାଇନ୍‌ଙ୍କର theory of relativity ବିଷୟ ଜାଣିନା ? ସମସ୍ତଙ୍କର ମୋ ସଙ୍ଗେ ସମ୍ପର୍କ ଅଛି, ମୋର ସମସ୍ତଙ୍କ ସହ ସମ୍ପର୍କ ଅଛି, ଏ କଡ଼ି ବରଗା ସଂଗେ ମୋର ସମ୍ପର୍କ, ଏ ଲ୍ୟାମ୍ପ୍‌ର ମୋ ସଙ୍ଗେ ସମ୍ପର୍କ ।" ଶେଷ କଥାଟା କହି ସତ୍ୟ କିପରି ଦବିଗଲା ପରି ବୋଧ ହେଲା ।

ସୁରମା ଏ ଉତ୍ତର ଶୁଣି ହସିବ ନା ବିରକ୍ତ ହେବ ? ସତ୍ୟ ଆଉ ବାକ୍ୟ-ବ୍ୟୟ ନ କରି ହାରମୋନିୟମ୍‌ଟା କାଢ଼ି ବସିଲା । ସୁରମା ବାଧା ଦେଇ କହିଲା, "ନା ହାରମୋନିୟମ୍ ଆମର ବାଜିବ ନାହିଁ ।" ସତ୍ୟ ପ୍ରଥମେ କିଛି ନ ମାନି ହାରିମୋନିୟମ୍ ବାହାର କରିବାକୁ ଚେଷ୍ଟା କଲା । ସେ ଭାବିଥିଲା ମୁହୂର୍ତ୍ତକ ପରେ ସୁରମାର ଏ ଭାବ ଉଭେଇ ଯିବ, କିନ୍ତୁ ସୁରମାର ଜିଦ୍ ଓ ଦୃଢ଼ତା ଦେଖି ସେ ଅବାକ୍ ହୋଇଗଲା । ଏ ପର୍ଯ୍ୟନ୍ତ ସେ ସଙ୍ଗମେଳରେ ସୁରମାର ଚକ୍ଷୁପାତକୁ ସହଜରେ ଅତିକ୍ରମ କରି ଆସିଥିଲା, କିନ୍ତୁ ଏ କେତେଦିନ ଏକାକୀ ଥିଲାବେଳେ ସେ ଚାହାଣୀ ତାର ହୃଦୟକୁ ଭେଦ କରି ପାରିଥିଲା । ବିଶେଷତଃ ଆଜିର ଚାହାଣୀରେ ତାର ଅନ୍ତର ସ୍ପନ୍ଦିତ ହେବାକୁ ଲାଗିଲା । ସେ କ୍ଷଣକାଳ ପାଇଁ ବିଚଳିତ ହୋଇପଡ଼ିଲା । କିଛି ସମୟ ଗୁମ୍‌ମାରି ଯାଇ ପୂର୍ବ ସ୍ଫୁର୍ତ୍ତିରେ କହିଲା, ଏବେ ଖୁବ୍ ରବି ବଙ୍ଗଳା ନଭେଲ୍ ପଢ଼ା ଚାଲିଛି ନା କଣ ? ତମର ଯେ କଥାରେ, ଚାହାଣୀରେ ରୋମାନ୍‌ସ ଫୁଟି ଉଠୁଛି । କିନ୍ତୁ ସେ ବୁଝିଲା ନାହିଁ, ସୁରମାର ହୃଦୟରେ କି ବେହାଗ ଗୁମୁରି ଉଠୁଥିଲା ।

ସୁରମା ଏ ବିଦ୍ରୁପ ସହ୍ୟ କରିପାରିଲା ନାହିଁ, ସେ କ୍ରୋଧରେ ଜଳିଉଠିଲା । ଏପରିକି କିଛି କାଳଯାଏ ବାକ୍ୟୋଚ୍ଚାରଣ କରିପାରିଲା ନାହିଁ । କ୍ଷଣକାଳ ପରେ କହିଲା, "ଏଠାରୁ ଏହିକ୍ଷଣି ବାହାରିଯା ।" ଏହା କହି ସଙ୍ଗେସଙ୍ଗେ ସେ ଗୃହତ୍ୟାଗ କରି ଅନ୍ୟ କକ୍ଷକୁ ଚାଲିଗଲା । ସତ୍ୟ ଦଣ୍ଡେ ସେଠାରେ ଥକ୍‌କା ମାରି ଠିଆ ହୋଇ ରହିଲା, ପରେ ମୁଖରେ ଶୁଙ୍ଗୁରି ମାରି ବାହାରି ପଡ଼ିଲା ।

ରାତ୍ରିଟା ଗଲା, ପରଦିନ ସକାଳୁ ସୁରମା ନିଜର କକ୍ଷକୁ ଆସି ଦେଖିଲା, ଘରଟି ସୁସଜ୍ଜିତ ଅଛି; କେବଳ ହାରମୋନିୟମ୍‌ଟି କିଞ୍ଚିତ ସ୍ଥାନଚ୍ୟୁତ ହୋଇଛି । ସେଇଟି ଯଥା ସ୍ଥାନରେ ରଖିଲା ପରେ ଚୌକିରେ ଆସି ବସିଲା । ସମ୍ମୁଖକୁ ଜଳଜଳ କରି ଚାହିଁ ରହିଥାଏ, କିନ୍ତୁ କୌଣସି ପଦାର୍ଥଟି ତାକୁ ଦେଖାଯାଉ ନଥାଏ । ସେ ଯେ ସେତେବେଳେ କଣ ଭାବୁଥାଏ, ତା ସେ ନିଜେ ଜାଣେ ନାହିଁ । କିଛିକ୍ଷଣ ଏହିପରି ଭାବରେ ବସିଲା ପରେ ସେ ଉଠି ଟେବୁଲ୍ ପାଖରେ ଯାଇ ଠିଆ ହେଲା- ବହିଗୁଡ଼ିକ ସୁସଜ୍ଜିତ ଭାବରେ ଅଛି । ସେ ଟେବୁଲ୍ ପାଖରେ ଠିଆ ହେଲା- ସେ ଟେବୁଲ୍‌ରେ ଦୁଇ ହାତ ଭରା ଦେଇ ବହିଗୁଡ଼ାକ ପ୍ରତି ଜଳଜଳ କରି ଚାହିଁ ରହିଲା, କିଛିକ୍ଷଣ ବିରକ୍ତ ଭାବରେ ସେଗୁଡ଼ାକ ଇତସ୍ତତଃ କରିବାକୁ ଲାଗିଲା । ଏ ସାଜସଜ୍ଜା ତାକୁ ଅହସ୍ୟ ବୋଧ ହେଲା । ଏଇ କେତେ ଘଣ୍ଟା ମଧ୍ୟରେ ତା’ ଭିତରେ ଯେ, କେତେ ଝଡ଼ତୋଫାନ ବହି ସମସ୍ତ ଇତସ୍ତତଃ କରି ପକାଇଛି, ବିଶୃଙ୍ଖଳ କରି ପକାଇଛି । ବାହାରର ଶୃଙ୍ଖଳା ତେଣୁ ତାର ଚକ୍ଷୁଶୂଳ ହୋଇ ଉଠିଲା ।

ସମୟ ଯେତିକି ଅତୀତ ହେବାକୁ ଲାଗିଲା, ସେ ନିଜକୁ ସେତିକି ଭାରାକ୍ରାନ୍ତ ବୋଧ କଲା । ଗୋଟାଏ ଦାରୁଣ ଅଭାବର ଶୂନ୍ୟତା ତାର ଅନ୍ତରରେ ଅସହ୍ୟ ଗୁରୁଭାର ରୂପେ ଚାପି ବସିଥିଲା ।

ସକାଳ ଗଲା, ଦ୍ୱିପ୍ରହର ଗଲା, ସନ୍ଧ୍ୟା ଗଲା, କିନ୍ତୁ ସତ୍ୟ ଆସିଲା ନାହିଁ । ଶେଷରେ ସେ ଠିକ୍ କଲା, କ୍ଷମା ମାଗି ସତ୍ୟ ପାଖକୁ ଖଣ୍ଡେ ପତ୍ର ଦେବ, କିନ୍ତୁ ସେ ସାହସ ତାର କାହିଁ ? ସତ୍ୟର ଏପରି ଉଦାସୀନତା ସେ ତାର ପତ୍ରକୁ କିପରି ଭାବରେ ଗ୍ରହଣ କରିବ କେଜାଣି ? ବିଶେଷତଃ ଚିଠି କାହା ହାତରେ ଦେବ? ସେ କିଛି ଠିକ୍ କରିପାରିଲା ନାହିଁ । ଶେଷରେ ତାକୁ ଗୋଟାଏ ବୁଦ୍ଧି ଦେଖାଗଲା । ସତ୍ୟ ନିଜର ବହି ଖଣ୍ଡେ ତା ଘରେ ଛାଡ଼ି ଯାଇଥିଲା । ସେ ଚିଠି ଖଣ୍ଡ ତାହାରି ମଧ୍ୟରେ ରଖି ଚାକର ହାତରେ ପଠାଇଦେବ । ଚାକର ଜାଣିପାରିବ ନାହିଁ ଚିଠି କଥା, କିନ୍ତୁ ସତ୍ୟ ବହି ଖଣ୍ଡ ଲେଉଟାଇଲା ମାତ୍ରେ ଚିଠି ପାଇବ ।

ଚିଠି ଲେଖିବା ପାଇଁ ସୁରମା ଟେବୁଲ୍ ପାଖରେ ବସିଲା, କିନ୍ତୁ କ’ଣ ଲେଖିବ କିଛି ଠିକ୍ କରିପାରିଲା ନାହିଁ । ଦୁଇ ଘଣ୍ଟା ଭାବି ଭାବି ଗୋଟାଏ ଧାଡ଼ି ଲେଖିଲା ।

ତା........ରିଖ

“ବନ୍ଧୁ,

ମୁଁ ବଡ଼ ବିପନ୍ନା ।

ସୁରମା”

ଏଇତକରେ ତାର ସମସ୍ତ କଥା କୁହା ହୋଇଗଲା- ସମସ୍ତ ଜ୍ୱାଳା ନିର୍ବାପିତ ହୋଇଗଲା । ସେ ଖଣ୍ଡେ ଛୋଟ କାଗଜରେ ଏତକ ଲେଖି ବହିରେ ରଖିଲା- ଆଉ ତାର ଆଖିରୁ ଧାରଧାର ହୋଇ ଲୁହ ଝରିପଡ଼ିଲା ।

ସୁରମାର ଚାକର ଯେତେବେଳେ ବହି ଖଣ୍ଡ ସତ୍ୟକୁ ଦେଲା, ସତ୍ୟ କଣ ବିଚାରି କ୍ଷଣକାଳ ସ୍ତବ୍ଧ ଭାବରେ ଠିଆ ହୋଇ ରହିଲା, ପରେ କହିଲା, “ଆଚ୍ଛା ଟିକିଏ ରହ ।” ସଙ୍ଗେ ସଙ୍ଗେ ଭିତରୁ ଦୁଇତିନି ଖଣ୍ଡ ବହି ଆଣି ଚାକର ହାତକୁ ବଢ଼ାଇ ଦେଇ କହିଲା, “ଏ ବହିତକ ସୁରମାକୁ ଦବୁ । ତାଙ୍କର ଏ ବହି ।” ଚାକରଟି ବହିତକ ନେଇ ଫେରିଲା ।

X X X

ସତ୍ୟ ସେ ଦିନ ଡାଏରୀରେ ଲେଖିଲା, "ଆଜି ସମସ୍ତ ଆଶା ପୂର୍ଣ୍ଣ ହୋଇଥିଲା- ଆଉ ମିଳନ ଅସମ୍ଭବ" ଇତ୍ୟାଦି ।

ରମଣର ଫେରିବା ଦିନ ଦେଖି ସତ୍ୟ ବାଟ କାଟିବାର ବ୍ୟବସ୍ଥା କଲା । ରମଣ ଆସିଲେ ନିଶ୍ଚୟ ତାଙ୍କ ଘରକୁ ଟାଣି ନେବ । ସେ ଆଉ କେଉଁ ମୁହଁରେ ସେଠାକୁ ଯିବ ? ରମଣ ଆସିବାର ପୂର୍ବଦିନ ସତ୍ୟ ଚାଲିଗଲା କୁଆଡ଼େ- ତାହା କେହି ବନ୍ଧୁବାନ୍ଧବ ଜାଣନ୍ତି ନାହିଁ ।

ସତ୍ୟ ବହୁ ସ୍ଥାନ ଭ୍ରମି ଭ୍ରମି ଶେଷରେ ଆଶ୍ରୟ ନେଲା ସାବରବତୀ ଆଶ୍ରମରେ । ଏହିଠାରେ ହିଁ ତାର ଜୀବନର ଗତି ବଦଳି ଗଲା । ସେ ଏ ପର୍ଯ୍ୟନ୍ତ ଜୀବନଟାକୁ ଫୁଟକିମାରି ଉଡ଼ାଇ ଦେବ ବୋଲି ଭାବିଥିଲା । ଏହିଠାରେ ଶିକ୍ଷା କଲା ଯେ, ଜୀବନର ଗୋଟାଏ ବିଶେଷ ମୂଲ୍ୟ ଅଛି । ପ୍ରୟୋଜନ ଅଛି ।

ପୃଥିବୀ ଇତିହାସର ଅଦ୍ୱିତୀୟ ଯୁଦ୍ଧ ଅଭିଯାନ ଦାଣ୍ଡି ପ୍ରାଙ୍ଗଣରେ ଲବଣ ସମର । ସତ୍ୟ ସତ୍ୟାଗ୍ରହୀ ହୋଇ ଗୁଣ୍ଡୁଚି ମୂଷା ପରି ଏହି ମହାସମରରେ ନିଜର ସ୍ୱଳ୍ପ ଶକ୍ତି ପ୍ରୟୋଗ କରିଦେଲା । ପୁଲିସ୍‌ର ନିର୍ମମ ଲାଠି ତାର ଅଙ୍ଗରେ ଶତ ଦାଗ କାଟିଦେଲା । ସେ ପ୍ରତ୍ୟେକ ଦାଗ ତାର ଅନ୍ତରକୁ ନିର୍ମଳ କଲା, ଜୀବନକୁ ଅଧିକ ଗୌରବମୟ କଲା ।

ସତ୍ୟ ସେହି ଦୂର ପ୍ରବାସରେ ଶୁଣିଲା, ବାଲେଶ୍ୱରରେ ତୁମୁଳ ଆୟୋଜନ । ଦୁର୍ଭିକ୍ଷପିଷ୍ଟ ରକ୍ତମାଂସହୀନ କଙ୍କାଳ ଆଜି ସ୍ୱାଧୀନତା ପାଇଁ ସମର ସଜ୍ଜା କରିଛି ! ସତ୍ୟର ଚକ୍ଷୁ ଛଳଛଳ ହୋଇ ଆସିଲା । ଓଡ଼ିଶାକୁ ସେ ଏତେ ଭଲପାଏ ବୋଲି ତ ତାର ଆଜିଯାଏ ଧାରଣା ନଥିଲା ।

ବାଲେଶ୍ୱରରେ ଲୁଣ ମାରିବା ଅପରାଧରେ ସତ୍ୟର ଦଣ୍ଡାଦେଶ ହେଲା- ଛ' ମାସ ସଶ୍ରମ କାରାବାସ ! ସତ୍ୟର ଆଜି ମହା ମହା ଆନନ୍ଦ ! ସେ ଆଜି ଜୀବନର ସାର୍ଥକତା ପ୍ରଥମେ ଅନୁଭବ କଲା । ସେ ଯେ ଆଜି କୋଟି ନିର୍ଯ୍ୟାତିତଙ୍କ ମଧ୍ୟରେ ନିଜକୁ ଜଣେ କରିପାରିଛି- କୋଟିପତିଙ୍କ ସଙ୍ଗେ ନିଜର ଆସନ ବିଛାଇ ପାରିଛି, କୋଟି ମୂକ କଣ୍ଠର କରୁଣ ଆର୍ତ୍ତ ହାହାକାର ସହିତ ନିଜର କ୍ଷୀଣ ସ୍ୱର ମିଳାଇ ପାରିଛି । ଗର୍ବରେ ତାର ବକ୍ଷ ସ୍ଫୀତ ହୋଇ ଉଠିଲା ।

ଛ' ମାସ ପରେ ଯେତେବେଳେ ସତ୍ୟ ଖଲାସ ହେଲା, ତାକୁ ଜେଲ୍ ଦୁଆରୁ ପାଛୋଟି ନେବାକୁ ମହା ଆୟୋଜନ ହୋଇଗଲା । ସେହି ଜୟଧ୍ୱନି ମଧ୍ୟରେ ସୁରମାର କଥା ତାର ମନେ ପଡ଼ିଲା । ସେ ଜେଲ୍ ମଧ୍ୟରେ ଏ କେତେ ଦିନ ତାରି କଥା ଭାବୁଥିଲା । ତାରି ବିଶ୍ୱାସ, ଏହି ସମୟ ମଧ୍ୟରେ ସୁରମା ନିଶ୍ଚୟ ଏ ଆନ୍ଦୋଳନରେ ଯୋଗ ଦେଇଥିବ । ଉତ୍କଳର ଅସୂର୍ଯ୍ୟଂପଶ୍ୟା ପୁରାଙ୍ଗନା ଯେତେବେଳେ ନିଜର ପ୍ରିୟ ଅନ୍ଧକାରକୋଣ ତ୍ୟାଗକରି ଜେଲ୍ ଯିବାକୁ ପ୍ରସ୍ତୁତ, ସୁରମା କ'ଣ ଏପରି ଅବସ୍ଥାରେ ସ୍ଥିର ଥିବ ? ସୁରମାକୁ ସେ ଯେଉଁ ଅପମାନ ଦେଇଥିଲା, ସେଥିପାଇଁ ତା ନିକଟରେ ଜାନୁ ପାତି କ୍ଷମା ଭିକ୍ଷା କରିବାକୁ ତାର ପ୍ରାଣ ବିକଳ ହୋଇ ଉଠିଲା ।

ପରେ ଖବର ନେଇ ବୁଝିଲା ସୁରମା କେତେକ ମାସ ପୂର୍ବେ ରାଜକିଶୋର ସଙ୍ଗେ ବିବାହ କରିଛି । ରାଜକିଶୋର ବର୍ତ୍ତମାନ ମସ୍ତବଡ଼ ହାକିମ । ସୁରମାକୁ ବିବାହିତ ଅବସ୍ଥାରେ ଥରେ ଦେଖି ଆସିବାକୁ ସତ୍ୟର ବଡ଼ କୌତୂହଳ ଜାତ ହେଲା । ସେ ନିଜର ଖଦଡ଼ ଚାଦର ଖଣ୍ଡ କାନ୍ଧରେ ପକାଇ ବାହାରି ପଡ଼ିଲା । ଏବେ ଆଉ ଅତର ମାଖି, ଟେରି କାଟି, ସିଲ୍‌କୀ ପଞ୍ଜାବୀ ପିନ୍ଧି ଯିବାର ଦିନ ନାହିଁ । ସେ ନିଜର ରୁକ୍ଷ ଚେହେରା ନେଇ ଚାଲିଲା ।

ସତ୍ୟର ଏ ମୂର୍ତ୍ତି ଦେଖି ରାଜକିଶୋରର ଚାକର ପ୍ରଥମରୁ ବିଦା କରି ଦେବାକୁ ବସିଲା । ସେ କହିଲା "ସାହେବ୍ ନାହାନ୍ତି ।" "ଘରେ ଆଉ କିଏ ଅଛି ?" ସତ୍ୟ ଖବର ନେଉ ନେଉ ସୁରମା ଆସି ପହଞ୍ଚିଗଲେ । ସୁରମା ସତ୍ୟକୁ ସେପରି ଦୃଷ୍ଟି ନ ଦେଇ ଚାକରରୁ ପଚାରିଲେ, "କଥା କ'ଣ ?" ଚାକର କହିଲା, "ଏ କିଏ ଆପଣଙ୍କୁ ଖୋଜୁଛନ୍ତି ।" ସୁରମା ଟିକିଏ ନିରୀକ୍ଷଣ କରି କହି ଉଠିଲେ, "ଓହୋ ଆପଣ ଯେ ! ଆସନ୍ତୁ, ଆସନ୍ତୁ ଭିତରକୁ ।" ସତ୍ୟ ଆସି ବୈଠକଖାନାରେ ବସିଲା । ଗୃହଟି ସାହେବୀ କାଇଦାରେ ହୋଇଛି ।

ସୁରମା ଅନେକ କଥା ପକାଇଲେ- ବନ୍ଧୁମାନଙ୍କ କଥା, ନିଜ କଥା । ସତ୍ୟ କେବଳ ସବୁ ଶୁଣୁଥାଏ । ଏଥର ସୁରମାଙ୍କର କହିବାର ପାଳି । ଶେଷରେ ସୁରମା ଡାକି ଉଠିଲେ, "ଆରେ ମଟର ବାହାର କରେ ରେ ।" ତା' ପରେ ସତ୍ୟକୁ କହିଲେ, "ମତେ ବର୍ତ୍ତମାନ କ୍ଲବକୁ ଯିବାକୁ ହେବ- କହିଯାଇଛନ୍ତି । ଏବେ ଟିକିଏ ଟେନିସ୍ ଖେଳୁଛି ।" ପୁଣି ଅଳ୍ପ ମୁରୁକି ହସି କହିଲେ, "ଦିନଗୁଡ଼ାକ ବେଶ୍ ଫୁର୍ତ୍ତିରେ କଟୁଛି ।"

ସତ୍ୟ ଫେରି ଆସିଲା- ମଟର ପେଁ କରି ସୁରମା ଚାଲିଗଲେ ।

ସତ୍ୟ ସେଦିନ ସନ୍ଧ୍ୟାରେ ନିଜର ଘର ଖୋଲି ଦେଖିଲା- ସବୁ ସେହିପରି ଅଛି । ବହିଗୁଡ଼ିକ ଉପରେ ବହୁତ ଧୂଳି ବସିଛି । ସେ ଝଡ଼ାଝଡ଼ି କରି ଖଣ୍ଡେ ବହି ବାହାରକଲା, ସେ ଖଣ୍ଡ ଲେଉଟାଇଲାବେଳେ ଖଣ୍ଡେ କାଗଜ ବାହାରିଲା । ସେଥିରେ ଲେଖା ହୋଇଛି "ବନ୍ଧୁ ମୁଁ ବଡ଼ ବିପନ୍ନା ।" ସୁରମାର ହସ୍ତାକ୍ଷର । ଚିଠିର ତାରିଖ ଦେଖି ସତ୍ୟ ନିଜର ଡାଏରୀ ଖୋଲିଲା । ବହି ଫେରାଫେରିର ଉଲ୍ଲେଖ ଅଛି । ସତ୍ୟ କାଗଜ ଖଣ୍ଡକୁ କିଛିକ୍ଷଣ ଅନାଇଁ କଣ ଭାବିଲା । ଅଜ୍ଞାତରେ ତାର ଅଧରକୋଣରେ ଗୋଟିଏ ସ୍ମିତହାସ୍ୟ ଫୁଟି ଉଠିଲା ।

-୦-